# ଓଡିଆ (୨୩୩)

# ODIA (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୨-୨୩)

## TUTOR MARKED ASSIGNMENT (TMA), 2022-23

ସର୍ବାଧିକ ନମ୍ବର - ୨୦

**Max. Marks : 20**

ଟିପ୍ପଣୀ :

i) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ | ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି |

ii) ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ |

ପ୍ରଶ୍ନ. ୧) ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ | (୨ x ୧)

(କ) ଗାଁର ଶେଷ ମୁଣ୍ଡରେ ସାହାଭରସାହୀନ ଭାବେ ବାଳୁତ ପିଲାକୁ ଧରି କାର୍ତ୍ତିକ ମାସରେ ଆକାଶଦୀପ ଜାଳୁଥିବା ସଦ୍ୟ ବିଧବାର କରୁଣତା ନିଜ ଭାଷାରେ ଲେଖ | (ପାଠ – ୧ ଦେଖ)

(ଖ) ଶିକ୍ଷିତ ଯୁବକଟିଏ ପରିସ୍ଥିତିରେ ପଡି ଭୋକ ବିକଳରେ ଅନ୍ୟ ନିକଟରେ ଖାଦ୍ୟ ପାଇଁ ହାତ ପତେଇଲାବେଳେ ତା ବିବେକ ତାକୁ କିପରି ଦଂଶନ କରେ ଲେଖ | (ପାଠ – ୮ ଦେଖ )

ପ୍ରଶ୍ନ. ୨) ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଅନ୍ୟୁନ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ |(୨ x ୧)

(କ) ଅଜାତଶତ୍ରୁ ପିତାଙ୍କୁ ହତ୍ୟାକରିବା ପାଇଁ କାହିଁକି ସ୍ଥିର କରିଥିଲେ ଲେଖ | (ପାଠ – ୨୨ ଦେଖ)

(ଖ) ଶ୍ରୀକୃଷ୍ଣଙ୍କ ପାଟି ଭିତରେ ଯଶୋଦା ଗୋପ ଓ ମଥୁରାର କେଉଁ ଦୃଶ୍ୟ ଦେଖିଥିଲେ | (ପାଠ – ୫ ଦେଖ)

ପ୍ରଶ୍ନ. ୩) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ x ୧)

(କ) 'ଦୋନା ବୁଡ଼ିଆ ରୀତି' କ'ଣ ? ଲେଖକଙ୍କର କହିବାର କାରଣ ନିର୍ଦ୍ଧାରଣ କର । (ପାଠ – ୯ ଦେଖ)

(ଖ) କେଉଁ ସ୍ଥାନକୁ ଉତ୍କଳଲକ୍ଷ୍ମୀଙ୍କ ବାସଗୃହ ରୂପେ କବି ଗ୍ରହଣ କରିଛନ୍ତି ଓ କାହିଁକି ? (ପାଠ – ୧୧ ଦେଖ)

ପ୍ରଶ୍ନ. ୪) ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) ମୂର୍ଖ ପଣ୍ଡିତ ସମସ୍ୟାର ସମାଧାନ କରିବାକୁ ଲେଖକଙ୍କ ପରାମର୍ଶ ଆଲୋଚନା କର । (ପାଠ – ୭ ଦେଖ)

(ଖ) ଧର୍ମରକ୍ଷା କରୁଥିବା ବ୍ୟକ୍ତିକୁ ଧର୍ମ ହିଁ ରକ୍ଷା କରିଥାଏ କି ? କାହାଣୀ ମାଧ୍ୟମରେ ସତ୍ୟ ପ୍ରକାଶ କର ।

(ପାଠ – ୨୪ ଦେଖ)

ପ୍ରଶ୍ନ. ୫) ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଅନ୍ୟୁନ ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ x ୧)

(କ) କରୋନା ମହାମାରୀରୁ ସତର୍କ ରହିବା ଲକ୍ଷରେ ପରାମର୍ଶଦେଇ ବନ୍ଧୁଙ୍କ ପାଖକୁ ପତ୍ର ଲେଖ ।

(ପାଠ – ୧୩ ଦେଖ)

(ଖ) ଆଚାର୍ଯ୍ୟଙ୍କ ଉପସ୍ଥିତ ସକାଶେ ଟ୍ରେନରେ ଘଟଣାକ୍ରମର ଯେଉଁ ପରିବର୍ତ୍ତନ ଦେଖାଦେଲା ନିଜ ଭାଷାରେ ଲେଖ। (ପାଠ – ୧୨ଦେଖ)

ପ୍ରଶ୍ନ. ୬) ଯେକୌଣସି ୧ଟି ପ୍ରକଳ୍ପ ଅନ୍ତତଃ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତକର । (୬ x ୧)

(କ) ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଅସଦ ବିନିଯୋଗ ଭାରତୀୟ ସଭ୍ୟତାକୁ ବିକୃତ କରୁଛି କି ? (ପାଠ – ୨୫ ଦେଖ)

(ଖ) ଧାର୍ମିକ ବେଶ ଧାରଣ କରି ଅଧର୍ମ କରୁଥିବା ଲୋକେ ନିଜେ ନିଜ ପତନର କାରଣ ସାଜନ୍ତି କି ?

(ପାଠ – ୨୩ ଦେଖ)